## ସଂକ୍ଷେପରେ

### ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**ସୋର, ୧୯।୧୧(ଡି.ଏନ୍.ଏ.):** ସୋର ବ୍ଲକ ସରଶଙ୍ଖ ପଞ୍ଚାୟତରେ କେତେକ ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡ଼ପ ହୋଇଥିବା ବାଲେଶ୍ୱର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଗ୍ରାମର ରତ୍ନାକର ସେଠୀଙ୍କ ସ୍ତ୍ରୀ ବେଙ୍ଗ ଗତ ଅକ୍ଟୋବରରେ ତାଙ୍କ ଝିଅ ଘରକୁ ଯାଇଥିବା ବେଳେ ସେହି ମାସର ଭତ୍ତା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା,୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ କମର୍ଦ୍ଧା ଥାନା ଅଞ୍ଚଳର ଯୁବକ ବିବେକ ବେହେରା ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ପୋଲିସ ଏକ ମାମଲା (ନଂ. ୩୭୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳିକାଜଣକ ଗତ ୧୬ ତାରିଖରେ ଟ୍ୟୁଶନ ଯାଉଥିବାବେଳେ ଅପହରଣ କରାଯାଇଥିବା ପରିବାର ପକ୍ଷରୁ କୁହାଯାଉଛି। ଏଯାବତ୍ ଅପହୃତା ଓ ଅପହରଣକାରୀ ଯୁବକଙ୍କ ପତ୍ତା ମିଳିନାହିଁ।

### ପରିତ୍ୟକ୍ତ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାହାନଗା, ୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପରିତ୍ୟକ୍ତ ପୋଖରୀରୁ ମଙ୍ଗଳବାର ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଗୋପାଳପୁର ଫାଣ୍ଡି ପୋଲିସ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ଯୁବକଙ୍କୁ କେହି ମାରି ପୋଖରୀରେ ପକାଇ ଦେଇଥିବା ଲୋକେ ସନ୍ଦେହ କରୁଛନ୍ତି। ଗୋପାଳପୁର ଫାଣ୍ଡି ପୋଲିସ ଶବ ଜବତ କରିବା ସହ ବାଲେଶ୍ୱରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୮/୧୯ ) ରୁଜୁ ହୋଇଛି। ପିଲାମାନେ ପୋଖରୀକୁ ଯାଇଥିବା ବେଳେ ଦଳ ଭିତରେ ମୃତଦେହ ଅଧା ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ।

### ପ୍ରସାଦ ବଣ୍ଟନକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଖଇରା, ୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ବଣପାରିଆ ଛକଠାରେ ଥିବା ଗାୟତ୍ରୀ ପ୍ରଜ୍ଞାପୀଠ ପରିସରରେ ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଚାଲିଥିବା ଅବସରରେ ପ୍ରସାଦ ବଣ୍ଟନକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପ୍ରସାଦ ପାଇଁ ଭକ୍ତମାନେ ଧାଡିରେ ଛିଡା ହୋଇଥିଲେ। ପ୍ରସାଦ କମ୍ ପଡିବାରୁ କେତେକ ଶ୍ରଦ୍ଧାଳୁ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏଥିରେ ଆୟୋଜକ ଓ ସ୍ଥାନୀୟ ବଣପାରିଆ ଗ୍ରାମର କେତେକ ଯୁବକଙ୍କ ମଧ୍ୟରେ ଗାଳିଗୁଲଜ ଓ ହାତାହାତି ପର୍ଯ୍ୟନ୍ତ କଥାଯାଇଥିଲା। ଉଭୟ ପକ୍ଷ ସମାଧାନ ପାଇଁ ରାଜି ହୋଇଥିବାରୁ ତାଙ୍କୁ ଏଥିପାଇଁ ସମୟ ଦିଆଯାଇଛି ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

### ଅଞ୍ଜଳି, ସରୋଜିନୀ ମହିଳା କ୍ରିକେଟ୍ ଦଳର ଅଧିନାୟକ

**ବାଲେଶ୍ୱର ଅଫିସ,୧୯।୧୧:** ବାଲେଶ୍ୱରର ଦୁଇ ମହିଳା କ୍ରିକେଟ୍ ଖେଳାଳି ଅଞ୍ଜଳି ସିଂହ ଓଡ଼ିଶା ୨୩ ବର୍ଷୀୟ ମହିଳା କ୍ରିକେଟ୍ ଦଳ ଓ ସରୋଜିନୀ ଗିରି ସିକିମ ମହିଳା କ୍ରିକେଟ ଦଳର ଅଧିନାୟିକା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦୁଇ ମହିଳା କ୍ରିକେଟର ବାଲେଶ୍ୱରରେ ଥିବା ଜଗତ କ୍ରିକେଟ୍ ଏକାଡ଼େମୀ (ଜେସିଏ)ରୁ ପ୍ରଶିକ୍ଷଣ ନେଇ କ୍ରିକେଟ୍ ଖେଳ ଆରମ୍ଭ କରିଥିଲେ। ଅନେକ ଅସୁବିଧା ସତ୍ତ୍ୱେ ପୂର୍ବତନ ଜିଲା କ୍ରୀଡ଼ା ସମ୍ପାଦକ ଅଧୀପ ଦାସଙ୍କ ସହାୟତା ଓ ଜେସିଏର ପ୍ରଶିକ୍ଷଣ ଏମାନଙ୍କୁ ଉଚ୍ଚସ୍ଥାନରେ ପହଞ୍ଚାଇ ପାରିଛି। ଉଭୟ ବାଲେଶ୍ୱର ପାଇଁ ଗୌରବ ଆଣିଦେଇଥିବା କୋଚ୍ ଜଗତ୍ ରଞ୍ଜନ ଦାସ କହିଛନ୍ତି।

■ ‘ବୁଲ୍‌ବୁଲ୍’ କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି ତେଜିଲା

# ଆର୍‌ଆଇ ଅଫିସ୍ ସମ୍ମୁଖରେ ଆନ୍ଦୋଳନ

**ରୂପ୍‌ସା, ୧୯।୧୧(ଡି.ଏନ.ଏ.)**


ଚାଷୀଙ୍କ ସହ ଭାଜପା କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଆର୍‌ଆଇ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ମଙ୍ଗଳବାର ଆନ୍ଦୋଳନ କରାଯାଇଛି। କସିପଦା, ରୂପ୍‌ସା, ଆଙ୍କୋ ପଞ୍ଚାୟତରେ ‘ବୁଲ୍‌ବୁଲ୍’ ବାତ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଦିନତମାମ୍ ଆର୍‌ଆଇ ଅଫିସ୍ ଖୋଲା ଯାଇ ନ ଥିବାରୁ ଉତ୍ତେଜନା ଦେଖାଦେଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପାଇଁ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ପହଞ୍ଚି ନ ଥିଲେ। ଫଳରେ ଆଗାମୀ ଦିନରେ ୬୦ନଂ. ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ରୂପ୍‌ସା ମଣ୍ଡଳ ସଭାପତି ତପନ କୁମାର ଗିରି ଓ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରାଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।

ବର୍ଷା, ବାତ୍ୟା ଯୋଗୁ ଏହି ୩ଟି ପଞ୍ଚାୟତ ଚାଷ ଜମିରେ ଧାନଗଛ ପାଣିରେ ଭାସୁଛି। ଶତକଡ଼ା ୮୦ଭାଗ ଖରିଫ୍ ଧାନଚାଷ କ୍ଷୟକ୍ଷତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତି ଆକଳନ କରିବାକୁ ଆସିଥିବା ଅଧିକାରୀ ମାତ୍ର ୩୦ପ୍ରତିଶତ କ୍ଷତି ହୋଇଥିବା ନେଇ ରିପୋର୍ଟ ଦାଖଲ କରିଥିବାରୁ ଚାଷୀଙ୍କୁ ସହାୟତା ମିଳିବାର ସମ୍ଭାବନା ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଠିକ୍ ରିପୋର୍ଟ ପ୍ରଦାନ ପୂର୍ବକ କ୍ଷୟକ୍ଷତି ଚାଷୀଙ୍କୁ ସହାୟତା ପ୍ରଦାନ ଦିଗରେ ବିଭାଗୀୟ ପଦକ୍ଷେପ ନେବା ଦାବିରେ ଆର୍‌ଆଇ ଅଫିସ୍ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ସୋମବାର ଲିଖିତ ଭାବେ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଆର୍‌ଆଇ ଅଫିସ୍ ନ ଖୋଲିବାରୁ ଉତ୍ତେଜନା ଦେଖାଦେଇଥିଲା। ମଣ୍ଡଳ ସଭାପତି ତପନ କୁମାର ଗିରି, ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା, ପଞ୍ଚାୟତ ସଭାପତି ଚତୁର୍ଭୂଜ ବେହେରାଙ୍କ ନେତୃତ୍ୱରେ ଚାଷୀ ରବୀନ୍ଦ୍ର ବେହେରା, ନିରଞ୍ଜନ ପରିଡ଼ା, ସୃଷ୍ଟିଧର ସେନାପତି, ଗୋପାଳ ବିଶି, ଚିନ୍ତାମଣି ପଣ୍ଡା ଏବଂ ଶ୍ରୀଧର ବେହେରାଙ୍କ ସମେତ ବହୁ ଚାଷୀ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶାସକ ଦଳକୁ ତୀବ୍ର ସମାଲୋଚନା କରିଥିଲେ।

■ ୨୦ ହଜାର ଲୁଟ୍ ଘଟଣା

# ଜେଲ୍ ଗଲେ ୨ ଅଭିଯୁକ୍ତ

**ରୂପ୍‌ସା, ୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଆଙ୍କୋ ମାର୍କେଟ୍ ଛକରୁ ଧରାପଡ଼ିଥିବା ୨ଲୁଟେରାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ୧୬ତାରିଖ ଅପରାହ୍ନରେ ଆଙ୍କୋ ଗ୍ରାମର ରତ୍ନାକର ବେହେରା ସ୍ଥାନୀୟ ୟୁନାଇଟେଡ଼ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨୦ହଜାର ଟଙ୍କା ଉଠାଇ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ପି. ଅଜୟ ଓ କୋଦଳା ଥାନା ଅଞ୍ଚଳର ପି. ସୁଭାଷ ଏକ ବାଇକ୍ ଯୋଗେ ତାଙ୍କୁ ପିଛା କରି ଆଙ୍କୋ ୟୁପି ସ୍କୁଲ ନିକଟରୁ ଟଙ୍କା ଲୁଟ୍ କରି ଦ୍ରୁତବେଗରେ ପଳାଉଥିଲେ। ମାତ୍ର ଭାରସାମ୍ୟ ହରାଇ ଛକ ନିକଟରେ ପଡ଼ିଯିବାରୁ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିଲେ। ଲୁଟେରାଦ୍ୱୟଙ୍କୁ ସ୍ଥାନୀୟ ଲୋକେ ନିର୍ଦ୍ଧୁମ ମାଡ଼ ମାରି ପୋଲିସଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏନେଇ ମାମଲା (ନଂ. ୮୪/୧୯) ସୋମବାର ସେମାନଙ୍କୁ ଚିକିତ୍ସାଳୟରୁ ଅଣାଯାଇ ପଚରାଉଚୁରା କରାଯାଇଥିଲା। ଅଭିଯୁକ୍ତଙ୍କଠାରୁ ଚୋରି ଟଙ୍କା ଓ ବାଇକ ଜବତ ହୋଇଥିଲା।

# ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ


ନିଖିଳ ଓଡ଼ିଶା ଠିକାଦାର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ବାଲେଶ୍ୱର ଅଫିସ, ୧୯।୧୧**

ବାଲେଶ୍ୱର ଜିଲା ସହିତ ଓଡ଼ିଶାର ସମସ୍ତ ଜିଲାରେ ୧୦ଦଫା ଦାବି ନେଇ ନିଖିଳ ଓଡ଼ିଶା ଠିକାଦାର ସଂଘ ପକ୍ଷରୁ ସମସ୍ତ ଉନ୍ନୟନ କାର୍ଯ୍ୟକୁ ବନ୍ଦ କରାଯାଇଛି। ଏପରିକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚାଲିଥିବା ସମସ୍ତ ରାସ୍ତାକାମ ମଧ ଠପ୍ ହୋଇଯାଇଛି। ଠିକାଦାର ସଂଘର ଜିଲା ସଭାପତି ଦୀପ୍ତିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ଲାଇନ ଛକରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାଜ୍ୟ ମୁଖ୍ୟଯନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିସହିତ ସରକାର ୧୦ଦଫା ଦାବି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଭାରେ କମଳାକାନ୍ତ ପଣ୍ଡା, ରାମଚନ୍ଦ୍ର ମହାକୁଡ଼, ଫାଲ୍‌ଗୁନୀ ମହାପାତ୍ର, ଅଦ୍ୱୈତ ଖୁଣ୍ଟିଆ, ହରେକୃଷ୍ଣ ପଣ୍ଡା, ଅମରେଶ ବେହେରା, ରମାନାଥ ବେହେରା, ଅଶ୍ୱିନୀ ପଟ୍ଟନାୟକ, ଶଶାଙ୍କ ଶେଖର ମହାପାତ୍ର, ଗୌରାଙ୍ଗ ନାୟକ, ଅମଲ ପଣ୍ଡା, ନରେନ୍ଦ୍ର ରାଜ, ଉପେନ୍ଦ୍ର ବେହେରା, ସଞ୍ଜୟ କୁମାର ଗିରି, ସ୍ୱରୂପ ବେହେରା, ନୃସିଂହ ବାରିକ, ସୁଦର୍ଶନ ଭୂୟାଁ, ସଞ୍ଜୟ ଦେ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା କରିଥିଲେ।


ଆତ୍ମସୁରକ୍ଷା ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀ।

# ବାଳିକା ଆତ୍ମସୁରକ୍ଷା ତାଲିମ

**ବାହାନଗା,୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ସଦରମହୁକମାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରକୁ ବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ କୁମାର ମହାରଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ଅଧ୍ୟାପକ ବରୁଣ କୁମାର ପଣ୍ଡା ଓ ସଂସ୍କୃତ ବିଭାଗର ଅଧ୍ୟାପକ ତଥା ଏନଏସଏସ ବିଭାଗର ପ୍ରୋଗ୍ରାମ ଅଫିସର ମହେଶ୍ୱର ଉପାଧ୍ୟାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଅଧିକାରିଣୀ ସ୍ନେହାଞ୍ଜଳୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟଲକ୍ଷ୍ମୀ ପାତ୍ର ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।

## ଠିକାଦାରଙ୍କ ଧାରଣା, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ଖଇରା, ୧୯।୧୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ସିମୁଳିଆ -ଖଇରା ଠିକାଦାର ସଂଘର ଗତ ୧୯ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଉନ୍ନୟନ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଇଛି। ଖଇରା ବ୍ଲକର ନିର୍ମାଣାଧୀନ ସମସ୍ତ ରାସ୍ତା, ସ୍କୁଲ, ମେଡିକାଲ ଅଙ୍ଗନୱାଡି ଗୃହ କାର୍ଯ୍ୟ ୧୯ଦିନ ହେବ ବନ୍ଦ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

୨୦୧୪ ମସିହାରେ ସ୍ଥିରୀକୃତ ସିଡ୍ୟୁଲ ରେଟକୁ ପରିବର୍ତ୍ତନ କରାଯାଇ ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ କରାଯିବା, ଷ୍ଟାଣ୍ଡାର୍ଡ ଡାଟା ବ୍ଲକକୁ ତୁରନ୍ତ ଲାଗୁ କରିବା, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଜିଏସ୍‌ଟି ପାଇଁ ୧୦ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ, କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ ଆଦି ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଠିକାଦାରମାନେ ସମୁଳିଆ-ଖଇରା ସଂଘ ସଭାପତି ରାମଚନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ମାର୍କୋଣା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

# ସାପ କାମୁଡ଼ାରେ ଯୁବକ ମୃତ

**ବସ୍ତା, ୧୯।୧୧(ସ୍ୱ.ପ୍ର)**

ସିଂଲା ଥାନା ଇଡ଼ଦା ପଞ୍ଚାୟତର ଭିତରବ୍ରହ୍ମତର ଗ୍ରାମର ପ୍ରଶାନ୍ତ ଖଟୁଆ (୨୩) ନାମକ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ଶନିବାର ସ୍ଥାନୀୟ ବଜାରକୁ ଯାଉଥିବା ବେଳେ ଏକ ବୋଡ଼ା ସାପ ତାଙ୍କୁ କାମୁଡ଼ିଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଛି।

# ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ସଜନାଗଡ଼, ୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଭାରତୀୟ ଜାତୀୟ କିଷାନ କଂଗ୍ରେସ ନୀଳଗିରି ଶାଖା ପକ୍ଷରୁ ୧୧ଦଫା ଦାବି ନେଇ ଏକ ଦାବିପତ୍ର ମଙ୍ଗଳବାର ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଚଳିତବର୍ଷ ଖରିଫ ଚାଷ ପାଇଁ ବିଳମ୍ବିତ ବର୍ଷା ଯୋଗୁ ବହୁ ଚାଷଜମି ପଡ଼ିଆ ରହିଛି। ଯାହା କିଛି ଜମିରେ ଧାନ ଚାଷ କରାଯାଇଥିଲା ବୁଲ୍‌ବୁଲ୍ ବର୍ଷାରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଚାଷୀର ମେରୁଦଣ୍ଡ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡ଼ିଛି। ଚାଷୀଙ୍କୁ ସବ୍‌ସିଡ୍ ଓ କୃଷିବୀମା ପ୍ରଦାନ କରାଯିବା, ଭାଗଚାଷୀ ଚିହ୍ନଟ କରାଯାଇ ସରକାରୀ ସାହାଯ୍ୟ ପ୍ରଦାନ, ପାଇଲଟ୍ ପଦ୍ଧତିରେ ଗଭୀର ନଳକୂପ ଖନନ, ବ୍ୟାରେଜ ନିର୍ମାଣ, ଉଠାଜଳସେଚନର ବ୍ୟବସ୍ଥା, ଚେକଡ୍ୟାମ ନିର୍ମାଣ କରାଯିବା, ନୀଳଗିରି ଉପଖଣ୍ଡକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରାଯିବା, ଏନ୍‌ଏସିରେ ‘କାଳିଆ’ ଯୋଜନା ଲାଗୁ କରାଯିବା ଆଦି ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ବିକ୍ଷୋଭରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଯୋଶଦାନନ୍ଦନ ସିଂହ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ମନୋରଞ୍ଜନ ପଣ୍ଡା, ରଘୁନାଥ ସିଂହ, ଦେବବ୍ରତ ମିଶ୍ର, ରାଧାଶ୍ୟାମ ଦାସ ଓ ମଧୁସୂଦନ ପାତ୍ର ପ୍ରମୁଖ ସାମିଲ ଥିଲେ।

# ବର୍ଷା, ଅନନ୍ୟା ପ୍ରିୟଦର୍ଶନୀଙ୍କ ପ୍ରକଳ୍ପ ଶ୍ରେଷ୍ଠ


ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ ବିଷୟରେ ଛାତ୍ରୀମାନେ ବୁଝାଉଛନ୍ତି।

**ଖଇରା,୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ମହତୀପୁର ହାଇସ୍କୁଲ ପରିସରରେ ମଙ୍ଗଳବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବର୍ଷା ମହାପାତ୍ର ଓ ଅନନ୍ୟା ପ୍ରିୟଦର୍ଶନୀଙ୍କ ପ୍ରକଳ୍ପ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିଲା। କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ନଟବର ମହାପାତ୍ର, ଗୋପୀନାଥ ବାରିକ ପ୍ରମୁଖ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷକ କୃତିବାସ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ।

# ବକେୟା ପ୍ରାପ୍ୟ ନ ମିଳିଲେ ଧାନକିଣା ବନ୍ଦ
## ରାଜରାସ୍ତାକୁ ଓହ୍ଲାଇବ ସେବା ସମବାୟ ସମିତି

**ଭୋଗରାଇ, ୧୯।୧୧(ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ।

ସରକାରଙ୍କ ଗାଇଡ଼ଲାଇନ୍ ଅନୁଯାୟୀ ବାଲେଶ୍ୱର-ଭଦ୍ରଖ କେନ୍ଦ୍ର ସମବାୟ ବ୍ୟାଙ୍କର ତାଳମେଳ ରହୁ ନ ଥିବାରୁ ସେବା ସମବାୟ ସମିତି ଦେବାଳିଆ ହେବା ଆଶଙ୍କା କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୧୯ଟି ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକମାନେ ମଙ୍ଗଳବାର ଚନ୍ଦନେଶ୍ୱରସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ସମ୍ମିଳନୀ କକ୍ଷରେ ଏକଜୁଟ ହୋଇଛନ୍ତି। ବ୍ୟାଙ୍କ ନିୟମ ବିରୋଧୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି।

ଧନୀ-ସାହୁକାରଙ୍କ ଶୋଷଣରୁ ମୁକ୍ତି ପାଇଁ ଜଣେ ଗରିବ ଚାଷୀ ସେବା ସମବାୟ ସମିତିରେ ସରଳ ଓ ସୁବିଧାରେ କମ୍ ହାର ସୁଧରେ ଋଣ ନେଇ ପରିବାର ପ୍ରତିପୋଷଣ କରୁଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ନୂତନ ନିୟମ ଭିତ୍ତିରେ ଚାଷୀ ଋଣ ପାଇବାରେ ହିନସ୍ତା ହେବ ବୋଲି ସଭାପତିମାନେ କ୍ଷୋଭ ପ୍ରକାଶ କରିଥିଲେ। ସେବା ସମବାୟ ସମିତିର ପୂର୍ବ ବକେୟା ଧାନ ବିକ୍ରି କମିଶନ ଓ ଲେବର ଚାର୍ଜ ସମ୍ପୂର୍ଣ୍ଣ ମାତ୍ରାରେ ସମିତିକୁ ନ ମିଳିଲେ ଚଳିତ ୨୦୧୯-୨୦ରେ ଖରିଫ୍ ଋତୁରେ ଧାନକ୍ରୟ ବନ୍ଦ କରାଯିବ ବୋଲି ସରକାର ଓ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି। ସମିତିର ଦାବି ପ୍ରତି ବ୍ୟାଙ୍କ ଓ ସରକାର ମାନି ନ ନେଲେ ଚାଷୀମାନଙ୍କ ସହିତ ସମିତି ସଭାପତିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଦେଉଳା ସେବା ସମବାୟ ସମିତିର ସଭାପତି ହରେନ୍ଦ୍ର ଦାସ, ବାଉଁଶଡ଼ିହା ସେବା ସମବାୟ ସମିତି ସଭାପତି ଅମରେଶ ଚନ୍ଦ୍ର ଦାସ, ଜୟରାମପୁର ସେବା ସମବାୟ ସମିତି ସଭାପତି ମହେଶ୍ୱର ମିଶ୍ର, ଗୁନାଇବସାଣ ସେବା ସମବାୟ ସମିତି ସଭାପତି ସୁଶାନ୍ତ ପାତ୍ର, ବାହାର୍ଦ୍ଧା ସେବା ସମବାୟ ସମିତି ସଭାପତି ରାମକୃଷ୍ଣ ପାତ୍ର, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

## ଆଜି କ'ଣ କେଉଁଠି

(ଭଦ୍ରକ)
(ବୁଧବାର)

■ପୋଷ୍ୟ ସନ୍ତାନ ସପ୍ତାହ ଓ ସଚେତନତା ସଭା ।
ସ୍ଥାନ– ଜିଲା ସଂସ୍କୃତି ଭବନ ।
ସମୟ– ପୂର୍ବାହ୍ନ ୧୦ଟା ୩୦ ।

## ସଂକ୍ଷେପରେ

### ବଦଳିଲେ ଦୁଇ ଜଜ୍

**ଭଦ୍ରକ ଅଫିସ, ୧୯।୧୧:** ଭଦ୍ରକ ଜିଲା ଜଜ୍ ଭାବେ କାର୍ଯ୍ୟ କରି ଆସୁଥିବା ଶୋଭାନ କୁମାର ଦାସ ନବରଙ୍ଗପୁର ପରିବାର କୋର୍ଟର ଜଜ୍ ଭାବେ ମଙ୍ଗଳବାର ରିଲିଭ ହୋଇଥିବା ଜଣାଯାଇଛି। ତାଙ୍କ ସ୍ଥାନରେ କଟକର ଜିଲା ଜଜ୍ ଶିଶିର କୁମାର ରଥ ଯୋଗ ଦେବେ ବୋଲି ସୂଚନା ମିଳିଛି। ସେହିପରି ଭଦ୍ରକ ପରିବାର ଅଦାଲତରେ ଜଜ୍ ସଞ୍ଜୀବ କୁମାର ଦୁବେ ଭୁବନେଶ୍ୱରର ଭିଜିଲାନ୍ସ କୋର୍ଟର ଜଜ୍ ଭାବେ ବଦଳି ହୋଇଛନ୍ତି। ତାଙ୍କ ସ୍ଥାନରେ ବିକ୍ରମ କୁମାର ପ୍ରଧାନ ଯୋଗ ଦେବାକୁ ହାଇକୋର୍ଟଙ୍କ ବିଜ୍ଞପ୍ତିରୁ ସୂଚନା ମିଳିଛି।

### ଝାନ୍ସି ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳିତ

**ଭଦ୍ରକ ଅଫିସ, ୧୯।୧୧:** କ୍ରାନ୍ତିକାରୀ ଝାନ୍ସି ରାଣୀ ଲକ୍ଷ୍ମୀବାଈଙ୍କ ୧୮୪ତମ ଜୟନ୍ତୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ପାଳିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସମାଜସେବୀ ରମେଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ରମାକାନ୍ତ ପାଣିଗ୍ରାହୀ, ସହକାରୀ ଶିକ୍ଷକ ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ଲକ୍ଷ୍ମୀବାଈଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ସୁକାନ୍ତି ସାହୁ, ବସୁମତୀ ଧଳ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ମହିଳା ଗୁରୁତର

**ଭଦ୍ରକ ଅଫିସ,୧୯।୧୧:** ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ବାଲିଖଣ୍ଡ ବମତିଆ ଗାଁ ରେ ମଙ୍ଗଳବାର ମଧାହ୍ନରେ ଅଗ୍ନିକାଣ୍ଡ ଘଟି ଭଗବତୀ ଶାହା ନାମ୍ନୀ ଜଣେ ମହିଳା ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ତାଙ୍କୁ ଅପରାହ୍ନରେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶଟ୍‌ସର୍କିଟ୍ କାରଣରୁ ଘରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ଯାଇଥିବା ସୂଚନା ମିଳିଛି। ତାଙ୍କର ଦେହର ପ୍ରାୟ ୭୦ ଭାଗ ପୋଡ଼ିଯାଇଥିବା ମେଡିକାଲ ପକ୍ଷରୁ ଜଣାପଡ଼ିଛି।

### 'ସମାଜକୁ ଦିଗ୍‌ଦର୍ଶନ ଦିଏ ସଂସ୍କାର'

**ଧାମନଗର, ୧୯।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହିର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ସ୍ୱର୍ଗତ ବୃନ୍ଦାବନ ମହାପାତ୍ରଙ୍କର ୧୫ତମ ସ୍ମୃତି ସମାରୋହ ନୂଆହାଟ ମେଳଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ସ୍ତରୀୟ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ବିଚାରକ ଭାବେ ଶରତ ନାୟକ, ଅବଦୁଲ ଦୟାନ, ଦୋଳଗୋବିନ୍ଦ ସାହୁ, ବାମନ ବିଶ୍ୱାଳ, ବାଦଲ ସିକଦାର ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟାରେ ସ୍ମୃତି ସଭା ବୃନ୍ଦାବନ ସ୍ମୃତି କମିଟି ସମ୍ପାଦକ ଭାଗବତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା । ଅତିଥିମାନେ ସ୍ମୃତିଚାରଣ କରି ବୃନ୍ଦାବନଙ୍କ ଅବଦାନ ଓ ସମାଜ ସଂସ୍କାର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମାଜ ସଂସ୍କାର ସମାଜକୁ ଦିଗ୍‌ଦର୍ଶନ ଦେଇ ସରସସୁନ୍ଦର କରି ଗଢି ତୋଳିଥାଏ ବୋଲି ସେମାନେ କହିଥିଲେ। ସଭାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନିତ୍ୟାନନ୍ଦ ପାଢୀ, ଅଗ୍ରଣୀ ଚାଷୀ ସନାତନ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଶିଷ ନାୟକ, ଅନୁରାଗ ମହାପାତ୍ର, ବିଷ୍ଣୁ ମହାନ୍ତି, ମାନଗୋବିନ୍ଦ ସାହୁ, ଚକ୍ରଧର ନାୟକ, ସତ୍ୟସୁନ୍ଦର ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସଭାରେ ସମ୍ବର୍ଦ୍ଧନା ଦିଆଯାଉଛି।

# ମଧ୍ୟାହ୍ନଭୋଜନ ପରିବର୍ତ୍ତେ ଚକୋଲେଟ୍

**ଆରଡି, ୧୯।୧୧(ଡି.ଏନ.ଏ.)**

ଗତ ଶିଶୁ ଦିବସ ଉତ୍ସବ ପାଳନ ବେଳେ ଭଦ୍ରକ ଜିଲା ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ତଳଦୁମୁକା ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆ ନ ଯାଇ କେବଳ ଚକୋଲେଟ ବଣ୍ଟା ଯାଇଥିଲା।

■ଶିକ୍ଷାନୁଷ୍ଠାନ ଘେରିଲେ ଅଭିଭାବକ

■ ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ



ଅଭିଭାବକମାନେ ବିଦ୍ୟାଳୟକୁ ଘେରାଉ କରି ଆଲୋଚନା କରୁଛନ୍ତି।

କିନ୍ତୁ ଶିକ୍ଷାନୁଷ୍ଠାନ ପକ୍ଷରୁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବାର ଅନ୍‌ଲାଇନ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ସେଦିନ ବିଦ୍ୟାଳୟରେ ୧୬୨ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ମଧ ଏଥିରେ ଦର୍ଶାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ମଙ୍ଗଳବାର ଗ୍ରାମର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷକଙ୍କୁ ଘେରିଥିଲେ । ୨ ମାସ ହେବ ଏହି ବିଦ୍ୟାଳୟକୁ ରୋଷେଇ ବାବଦରେ ଅର୍ଥରାଶି ମିଳି ନ ଥିବା ଓ ଅନ୍ୟାନ୍ୟ ଅସୁବିଧା ରହିଥିବା ଅଭିଭାବକମାନଙ୍କୁ କୁହାଯାଇଥିଲା। ମଧ୍ୟାହ୍ନ ଭୋଜନ ରୋଷେଇ ନ କରି ଏ ସଂକ୍ରାନ୍ତ ଭୁଲ ତଥ୍ୟ ଅନଲାଇନ ଯୋଗେ ବ୍ଲକ କାର୍ଯ୍ୟାଳୟକୁ କାହିଁକି ଅବଗତ କରାଗଲା ବୋଲି ଅଭିଭାବକମାନେ ପ୍ରଶ୍ନ କରି କୌଣସି ଉତ୍ତର ପାଇ ନ ଥିଲେ। ଏ ସମ୍ପର୍କରେ ସେମାନେ ତିହିଡି ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ସେହିପରି ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଓ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ତିହିଡି ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶଙ୍କୁ ପଚାରିବାରୁ ସେ କହିଲେ, ପିଲାଙ୍କୁ ମଧ୍ୟାହ୍ନ ଭୋଜନ ନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଭୁଲ ତଥ୍ୟ ଦିଆଯିବା ଠିକ୍ ନୁହେଁ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସମ୍ବିଧାନସମ୍ମତ ଗଣତନ୍ତ୍ରର ସୁରକ୍ଷା ପାଇଁ ଆନ୍ଦୋଳନ ଲୋଡ଼ା

**ଭଦ୍ରକ ଅଫିସ, ୧୯।୧୧**

ସମ୍ବିଧାନ ଓ ସମ୍ବିଧାନ ସମ୍ମତ ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆନ୍ଦୋଳନର ଆବଶ୍ୟକତା ରହିଛି। ସମାନତା ଓ ଆର୍ଥିକ ସ୍ୱାଧୀନତା ଲାଗି ସାମାଜିକ ପରିବର୍ତ୍ତନ ଲୋଡା। ଏଥିଲାଗି ଆନ୍ଦୋଳନକୁ ଗତିଶୀଳ କରିବା ଲାଗି ଭଦ୍ରକ ବହୁଜନ ବୁଦ୍ଧିଜୀବୀ ସଙ୍ଗଠନ ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନରେ ବୁଦ୍ଧିଜୀବୀମାନଙ୍କ ଗଣସମ୍ମିଳନୀରେ ମତବ୍ୟକ୍ତ କରାଯାଇଛି।

ବୁଦ୍ଧିଜୀବୀ ସଙ୍ଗଠନର ଆବାହକ ଅଗଣି ଚରଣ ଯେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀ ପ୍ରାରମ୍ଭରେ ସଙ୍ଗଠନ ତରଫରୁ ବାବାଜୀ ଚରଣ ଯେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୀବନ ବୀମା ଭଦ୍ରକ ଶାଖାର ପ୍ରଶାସନିକ ଅଧିକାରୀ ରାମେଶ୍ୱର ଟପୋ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଭିରାମ ମଲ୍ଲିକ ଓ ଅନ୍ୟତମ ବକ୍ତା ଭାବେ ଆର୍ ଶ୍ରୀନିବାସ ରାଓ, ଏସ୍ଏମ୍ ଫାରୁକ୍ ଯୋଗ ଦେଇଥିଲେ। ରାଜ୍ୟ ବହୁଜନ ସଙ୍ଗଠନର କାର୍ଯ୍ୟକାରିଣୀ ସଭ୍ୟ ବଳରାମ ମଲ୍ଲିକ ଅନ୍ୟତମ ବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରଫେସର କ୍ଷୀରୋଦ ଚନ୍ଦ୍ର ସାମଲ, ଅଧ୍ୟାପକ ନାସିର ବକ୍ସ ବାବା ସାହେବ ଆମ୍ବେଡକରଙ୍କ ରଚିତ ସମ୍ବିଧାନ ଓ ଏହାର କାର୍ଯ୍ୟକାରିତା ଉପରେ ବିଶ୍ଳେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ସମ୍ବିଧାନ କାର୍ଯ୍ୟକାରୀ ହେବାର ୬୯ ବର୍ଷ ପରେ ବି ଦଳିତ ବହୁଜନ ସମାଜ ମୁଖ୍ୟସ୍ରୋତରେ ସାମିଲ ହୋଇପାରିନାହାନ୍ତି ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ। ଉପସ୍ଥିତ ବୁଦ୍ଧିଜୀବୀମାନେ ଏହାର କାରଣ ଓ ନିରାକରଣ ସମ୍ବନ୍ଧରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଭଦ୍ରକ ଜିଲାର ପ୍ରତ୍ୟେକ ବ୍ଲକରୁ ଯୋଗ ଦେଇଥିବା ପ୍ରତିନିଧିମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଆମ ଦେଶରେ ସମ୍ବିଧାନ ସମ୍ମତ ବାସ୍ତବ ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆନ୍ଦୋଳନର ଆବଶ୍ୟକତା ରହିଥିବା ବକ୍ତାମାନେ ଦର୍ଶାଇଥିଲେ। ଏହି ଅବସରରେ ବରିଷ୍ଠ ସମାଜସେବୀ କହ୍ନେଇ ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତାରଣାର ଶିକାର ହିତାଧିକାରୀ

■ଶୁଣାଣି ପ୍ରକୋଷ୍ଠରେ ଦୁଇଥର ଅଭିଯୋଗ ସତ୍ତ୍ୱେ ମିଳୁନି ପ୍ରାପ୍ୟ

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ ବ୍ଲକ ଗେଲପୁର ପଞ୍ଚାୟତର କେତେକ ହିତାଧିକାରୀ ୨ ବର୍ଷ ହେବ ପାଇଖାନା ନିର୍ମାଣ କରି ଅନୁଦାନ ଟଙ୍କାକୁ ଚାହିଁ ବସିଛନ୍ତି । ସେମାନେ ଏ ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦୁଇଥର ଗୁହାରି କରିଥିଲେ ମଧ କୌଣସି ଅଧିକାରୀ ସେମାନଙ୍କ କଥା ଶୁଣୁନାହାନ୍ତି। ଗରିବ ଗୁରୁବାଙ୍କ ପାଇଁ ପ୍ରଶାସନର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି ବୋଲି ସେମାନେ କହିଛନ୍ତି।

ପ୍ରଶାସନ ନିକଟରେ କରାଯାଇଥିବା ଅଭିଯୋଗରେ ହିତାଧିକାରୀ ଦର୍ଶାଇଛନ୍ତି ଯେ, ଗେଲପୁର ଗ୍ରାମର ଜେମାମଣି ସେଠୀ(୬୫), ସାମରାଇପୁରର ଗୋଲକ ଜେନା(୬୪), ଶିବ ଦଲେଇ(୭୨), ବୁଲୁ ମଳିକ(୪୫) ପ୍ରମୁଖ ସରକାରୀ ଯୋଜନାରେ ପାଇଖାନା ନିର୍ମାଣ କରି ପ୍ରଶାସନିକ ଅବହେଳା ଓ ପ୍ରତାରଣାର ଶିକାର ହୋଇଛନ୍ତି। ୨୦୧୭–୧୮ ଆର୍ଥିକ ବର୍ଷରେ ସ୍ୱଚ୍ଛଭାରତ ମିଶନ(ଗ୍ରାମୀଣ) ଜରିଆରେ ସେମାନେ ଘରୋଇ ପାଇଖାନା ନିର୍ମାଣ ନିମନ୍ତେ ଅନୁମତି ପାଇଥିଲେ। ଅନୁମତି ମିଳିବାର ୧୫ ଦିନ ମଧରେ



ପାଇଖାନା ନିର୍ମାଣ କରି ହତାଶ ହୋଇଥିବା ଜଣେ ହିତାଧିକାରୀ।

ପାଇଖାନା ନିର୍ମାଣ କରିବା କୁହାଯାଇଥିଲା। ତଦନୁଯାୟୀ ସେମାନେ କାର୍ଯ୍ୟ କରିଥିଲେ। ପାଇଖାନା ନିର୍ମାଣ କରି ପ୍ରାପ୍ୟ ନ ପାଇ ସେମାନେ ବହୁବାର ଅଫିସ ଧାଇଁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସରକାରୀ ନିୟମ ଅନୁସାରେ ପାଇଖାନା ନିର୍ମାଣ କରିଥିବା ହିତାଧିକାରୀଙ୍କ ଲାଗି ରାଜସ୍ୱ ଆକାଉଣ୍ଟକୁ ୧୨ ହଜାର ଟଙ୍କା ଆସିବା କଥା। ତେବେ କେଉଁକାରଣ ଲାଗି ସେମାନଙ୍କୁ ପ୍ରାପ୍ୟ ଦିଆଯାଉ ନାହିଁ ତାହା ବୁଝାପଡୁନାହିଁ। ପାଇଖାନା ନିର୍ମାଣ ବାବଦ ଅନୁଦାନ ଶୀଘ୍ର ଦିଆ ନ ଗଲେ ସେମାନେ ବାଧ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ ହିତାଧିକାରୀଙ୍କୁ ତୁରନ୍ତ ଟଙ୍କା ପ୍ରଦାନ କରାଯିବା ଲାଗି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କୃଷକ ସଭା ପକ୍ଷରୁ ୧୨ ଦଫା ଦାବିପତ୍ର

**ତିହିଡ଼ି, ୧୯।୧୧ (ଡି.ଏନ.ଏ.)**

ବୁଲ୍‌ବୁଲ୍ ବାତ୍ୟା କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଲାଗି ଅଖିଳ ଭାରତ କୃଷକ ସଭାର ତିହିଡ଼ି ଅଞ୍ଚଳ କମିଟି ପକ୍ଷରୁ ସୋମବାର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୃଷିଋଣ ଛାଡ଼, ସ୍ୱାମୀନାଥନ କମିଟି ସୁପାରିଶକୁ କାର୍ଯ୍ୟକାରୀ କରାଯିବା, କାଳିଆ ଯୋଜନାରେ ବାଦ୍ ପଡ଼ିଥିବା ଚାଷୀଙ୍କୁ ଚିହ୍ନଟ କରି ସହାୟତା ଦିଆଯିବା, ଚାଷୀ, ମୂଲିଆ ଓ ନିର୍ମାଣ ଶ୍ରମିକଙ୍କୁ ୩ ହଜାର ଟଙ୍କା ପେନ୍‌ସନ ସମେତ ୧୨ ଦଫା ଦାବି ରହିଛି। କୃଷକ ସଭାର ଅଞ୍ଚଳ କମିଟି ସଭାପତି ରବୀନ୍ଦ୍ର ବାରିକ, ଜିଲା ସମ୍ପାଦକ ବିମ୍ବାଧର ବାରିକ, ସିପିଆଇ ଅଞ୍ଚଳ କମିଟି ସମ୍ପାଦକ ସନ୍ତଚରଣ ବିଶ୍ୱାଳ, ଦାମୋଦର ସେନାପତି, ଶ୍ୟାମସୁନ୍ଦର ନାୟକ, ଜଳନ୍ଧର ଜେନା, ବୁଦ୍ଧିରାମ ଜେନା, ସୁକାନ୍ତ କୁମାର ସେଠୀ ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବ୍ଲକ ଶିକ୍ଷା ବିଭାଗକୁ ଗାରିମା ପୁରସ୍କାର

**ଭଣ୍ଡାରିପୋଖରୀ, ୧୯।୧୧ (ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସୁରଭିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗକୁ ରାଜ୍ୟ ଗାରିମା ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉଚ୍ଚ ଶିକ୍ଷା ଓ କୃଷିମନ୍ତ୍ରୀ ଡ. ଅରୁଣ ସାହୁ, ଶିକ୍ଷା ସଚିବ ଚିତ୍ରା ଅରୁମୁଗମ, ଓପେପା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଁ, ମାଧ୍ୟମିକ ନିର୍ଦ୍ଦେଶକ ବିଆର୍ ଷଡ଼ଙ୍ଗୀ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ବିଦ୍ୟାଳୟରେ ଶିକ୍ଷଣ ଅଗ୍ରଗତି ଆକଳନ ପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟରେ



ଗାରିମା ପୁରସ୍କାର ବିଇଓ ଗ୍ରହଣ କରୁଛନ୍ତି ।

ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗାରିମା ପରୀକ୍ଷା କରାଯାଇଥିଲା। ଓଡ଼ିଶାର ମାତ୍ର ୨ ଟି ବ୍ଲକର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଏହି ଦୁଇ ବ୍ଲକ ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ ରହିଛି। ଏଥିଲାଗି ଭଦ୍ରକ ଜିଲାର ଶିକ୍ଷାବିତ୍, ବୁଦ୍ଧିଜୀବୀ ବ୍ଲକର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# 'ଗ୍ରାମାଞ୍ଚଳ ଲୋକଙ୍କୁ ପ୍ରାଥମିକ ଚିକିତ୍ସାସେବା ଯୋଗାଇବା ମୂଳଲକ୍ଷ୍ୟ'

**ଭଦ୍ରକ ଅଫିସ, ୧୯।୧୧**

ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଓ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଦାନୀ ଧାମରା ପୋର୍ଟ ପକ୍ଷରୁ ତିହିଡ଼ି ବ୍ଲକ ସିନ୍ଦୋଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ସିନ୍ଦୋଳ ସରପଞ୍ଚ ବୈକୁଣ୍ଠନାଥ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଶେଷଜ୍ଞମାନଙ୍କ ଦ୍ୱାରା ଭେଷଜ, ଶିଶୁ, ସ୍ତ୍ରୀ ଓ ପ୍ରସୂତି, ଚର୍ମ, ଅସ୍ଥିଶଲ୍ୟ, ଡାଇବେଟିସ ଓ ହୃଦରୋଗ ଆଦି ବିଭାଗରେ ମୋଟ ୧,୨୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା ।

ଡା. ସତ୍ୟରଞ୍ଜନ ବେହେରା, ଡଃ ଝୁଲଣ ଜେନା, ଡଃ କାହ୍ନୁଚରଣ ପଣ୍ଡା, ଡଃ ପ୍ରଫୁଲ୍ଲ ଦୀକ୍ଷିତ, ଡଃ କ୍ଷେତ୍ରବାସୀ ଥାଟୋଇ ଏବଂ ଡଃ ବି. କେ. ସାହୁ ପ୍ରମୁଖ ବିଶେଷଜ୍ଞ ଏଥିରେ ଯୋଗ ଦେଇ ରୋଗୀମାନଙ୍କର ଚିକିତ୍ସା କରିଥିଲେ । ଅନ୍ୟତମ ଅତିଥି ଭାବେ ଧନେଶ୍ୱର ପାଣି,




ସ୍ୱାସ୍ଥ୍ୟ ଶିବିରରେ ଜଣେ ରୋଗୀଙ୍କୁ ଚିକିତ୍ସା କରାଯାଉଛି।

ରାମକୃଷ୍ଣ ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ, ପ୍ରବୀର ନାୟକ, ଅନିରୁଦ୍ଧ ବାରିକ, ନାଏବ ସରପଞ୍ଚ ରାଜଶ୍ରୀ ନାୟକ, ଜଗବନ୍ଧୁ ବାରିକ, ନାରାୟଣ ପୃଷ୍ଟି, ପରମାନନ୍ଦ ନାୟକ, ଆଲୋକ ମଲ୍ଲିକ, ସରୋଜ ନାୟକ, ପ୍ରଦୀପ ଦାସ, ସୟଦ କାଲା, ମାନସ ବାରିକ, ଗୋପବନ୍ଧୁ ସ୍ୱାଇଁ, ଚକ୍ରଧର ଦାସ, ନିରନ ନାୟକ, ଦେବେନ୍ଦ୍ର ବାରିକ, ଖେଳ ଶିକ୍ଷକ ଅଭୟ ସେନାପତି ଏବଂ ଧାମରା ପୋର୍ଟର ସିଏସ୍‌ଆର୍ ସତ୍ୟରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଅଶ୍ୱିନୀ ହସ୍ପିଟାଲ ଏବଂ ହେଲ୍‌ପେଜ୍ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା । ଗ୍ରାମାଞ୍ଚଳରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିଭିନ୍ନ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେଶନ ତରଫରୁ ଯୋଜନା କରାଯାଇଥିବା ସୂଚନା ଦିଆଯାଇଥିଲା।

## ଆଗରପଡ଼ାରେ ଭାଜପାର ଜୋନ୍ ବୈଠକ

**ବନ୍ତ,୧୯।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଜୋନରେ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ଜୋନ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହତାବ ମଣ୍ଡଳର ସଭାପତି ଗୋପାଳକୃଷ୍ଣ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ବଦ୍ରି ନାରାୟଣ ଧଳ ବୁଥ୍ କମିଟି ଗଠନ ଓ ସକ୍ରିୟ ସଦସ୍ୟତା ଅଭିଯାନ ବିଷୟରେ ଆଲୋଚନା କରି ଦଳକୁ ବୁଥ୍ ସ୍ତରରୁ ମଜଭୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦିକା ଜୟସ୍ମିତା ଗୋଛାୟତ, ତପନ ବାରିକ, ବନମାଳୀ ଜେନା, ନବ କିଶୋର ଭୋଳ ଯୋଗ ଦେଇଥିଲେ। ବୈଠକରେ ଶିବାନନ୍ଦ ଦାଶଅଧିକାରୀ, ଅଶୋକ ପରିଡା, ପ୍ରଫୁଲ୍ଲ କୁମାର ସିଂହ, ରମାକାନ୍ତ ଜେନା, ପ୍ରଦୀପ ଦାଶ, ପ୍ରଭୁଦତ୍ତ ଜେନା, ସଞ୍ଜୟ ମହାଳିକ, ରୀନା ସିଂ, ପୂର୍ଣ୍ଣିମା ସିଂହ, ସୁଶୀଳା ଜେନାଙ୍କ ସମେତ ୯ ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନବଜାତକଙ୍କ ଲାଗି ସଚେତନତା

**ଭଦ୍ରକ ଅଫିସ, ୧୯।୧୧**

କିଶୋରୀ, ମହିଳା ଓ ମା' ମାନଙ୍କ ମଧ୍ୟରେ ନବଜାତ ଶିଶୁଙ୍କ ଯତ୍ନ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ତୃଣମୂଳସ୍ତରର ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁବିକାଶ ସେବା କର୍ମୀଙ୍କ ସହଯୋଗରେ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ନବଜାତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହ ପାଳନ ଆସନ୍ତା ୨୧ ତାରିଖ ଯାଏ ଚାଲିବ। ଏହି ଅବସରରେ ବାଗଚାଟି ପ୍ରାଥମିକ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନବାଡି, ଆଶାକର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ୩୦୦ରୁ ଊର୍ଦ୍ଧ୍ୱ ମହିଳା ସେମାନଙ୍କ ଶିଶୁଙ୍କ ସହ ଅଂଶ ଗ୍ରହଣ କରିଥିଲେ । ଦୋସିଙ୍ଗା ସମିତି ସଭ୍ୟ ନରେନ୍ଦ୍ର କୁମାର ମାଇତି, ୱାର୍ଡ ମେମ୍ବର ରାମ ଧଡା, ସିଆର୍‌ସିସି ଧନପତି ମାନ୍ନା, ବାଗଚାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଯୋଧ୍ୟା ଜେନା, ଡା. ସୁବଳ ସାମନ୍ତ ଏବଂ ଆଦାନୀ ଧାମରା ପୋର୍ଟ ସିଏସ୍‌ଆର ଟିମ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ର ନାଟକ, ସଂଗୀତ ଓ ଏକକ ଅଭିନୟ ପରିବେଷଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଆରମ୍ଭ ହୋଇଥିବା ସୁପୋଷଣ କାର୍ଯ୍ୟକ୍ରମ ଅଧୀନରେ ୮ଟି ପଞ୍ଚାୟତର ୧୦୫ ଗାଁରେ କାର୍ଯ୍ୟରତ ସଙ୍ଗିନୀମାନେ ନବଜାତ ଶିଶୁ ଓ ଅପପୁଷ୍ଟିର ଶିକାର ୫ବର୍ଷରୁ କମ୍ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି ।



ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

## 'ଆମ ଭାଷା ଓ ସଂସ୍କୃତି ପରସ୍ପର ପରିପୂରକ'

**ଭଦ୍ରକ ଅଫିସ, ୧୯।୧୧**

ଆମ ଭାଷା ଓ ସଂସ୍କୃତି ପରସ୍ପର ପରିପୂରକ। ଏହା ଆମ ସାମାଜିକ ଜୀବନକୁ ସରସ ସୁନ୍ଦର କରିଛି। ଭାଷା ସଂସ୍କୃତିର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି 'ଆମ ମାତୃଭାଷା ପରିଷଦ' ଆନୁକୂଲ୍ୟରେ ଭଦ୍ରକ କଲ୍ୟାଣୀ ନଗରଠାରେ ଅନୁଷ୍ଠିତ ସଂକ୍ରାନ୍ତି ଆସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆସରରେ 'ଆମ ଭାଷାରେ ଆମ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ ଇଂ.ଅଭୟ ସୂତାର। ଶିକ୍ଷାବିତ୍ ଗଗନ ବିହାରୀ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ବିଶେଷ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ ମୁଖ୍ୟବକ୍ତା, କାର୍ଯ୍ୟକାରୀ ସଭାପତି ଅଧାପକ ନୀହାର ରଞ୍ଜନ କର ଓ ବୀରନାରାୟଣ ଦାସ ପ୍ରମୁଖ ଅନ୍ୟତମ ଆଲୋଚକ ଭାବେ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବେଦପାଠ କରିଥିଲେ କବି ବସନ୍ତ ପାତ୍ର। ପରେ କବୟିତ୍ରୀ ଅନୁରାଧା ମିଶ୍ରଙ୍କ ସଂଯୋଜନାରେ କବି କବିତା ପାଠ କରାଯାଇଥିଲା।

# ଶିଶୁଙ୍କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ

■'ଚାଇଲ୍ଡ ଲାଇନ ସେ ଦୋସ୍ତି' କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ ଚାଇଲ୍ଡ ଲାଇନ ପକ୍ଷରୁ 'ଚାଇଲ୍ଡ ଲାଇନ ସେ ଦୋସ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୁରୁଣାବଜାରସ୍ଥିତ ଏନ୍‌ସି ହାଇସ୍କୁଲ ସଭାଗୃହରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସୋଫିଆ ସେକ୍ ପ୍ରାରମ୍ଭିକ ସୂଚନା ଦେବା ସହ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଯୋଗଦେଇ କହିଥିଲେ, ଶିଶୁଙ୍କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ । ସବୁ ସ୍ତରରେ ଏଥିଲାଗି ସହଯୋଗ ମିଳିଲେ ଓ ବ୍ୟାପକ ସଚେତନତା କାର୍ଯ୍ୟ କରାଗଲେ ଏକ୍ଷେତ୍ରରେ ସଫଳତା ହାସଲ କରାଯାଇ ପାରିବ। ଏହି ଅବସରରେ ଶିଶୁଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ସ୍ୱର ଉଠାଇବା ପାଇଁ ସେ ବୈଠକରେ ଶପଥପାଠ କରାଇଥିଲେ। ପୂର୍ବତନ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ଓ ପୂର୍ବତନ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରଫେସର କମଳାକାନ୍ତ ସ୍ୱାଇଁ, ସାଇନ୍ସ ସୁପରଭାଇଜର ସରୋଜ ପ୍ରଧାନ, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ସମାଜସେବୀ ହରି ନନ୍ଦୀ, ପରମାନନ୍ଦ ଦାସ, ହୃଷୀକେଶ ମହାନ୍ତି, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନତୀ ଚୌଧୁରୀ, ଶିକ୍ଷକ ମହମ୍ମଦ କମାଲଉଦ୍ଦିନ ଆଲାମ୍ ଓ ବିଜୟ ଖୁଣ୍ଟିଆ ଯୋଗ ଦେଇଥିଲେ। ଏହି ଅବସରରେ ସଚେତନତା ପଦଯାତ୍ରା ପରିକ୍ରମା କରିଥିଲା। ଶେଷରେ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

